# ଫ୍ରାଙ୍କଫର୍ଟ ଅନ୍ତର୍ଜାତୀୟ ପୁସ୍ତକ ମେଳାର ଦ୍ୱିତୀୟ ଦିବସ

ଓଡ଼ିଆ ବାର୍ତ୍ତା I odiabarta.in

ରଜତ ବଂଶଲ

ବିଶ୍ୱର ସର୍ବବୃହତ ପୁସ୍ତକ ମେଳା ଫ୍ରାଙ୍କଫର୍ଟ ଅନ୍ତର୍ଜାତୀୟ ପୁସ୍ତକ ମେଳାର ଦ୍ୱିତୀୟ ଦିନରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଖ୍ୟାତ ହିନ୍ଦୀ କବି ବଦ୍ରି ନାରାୟଣଙ୍କ ସହ 'ଲେଖକଙ୍କ ସହ ସାକ୍ଷାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଦ୍ରି ନାରାୟଣଙ୍କୁ ତାଙ୍କ କବିତା ସଂକଳନ 'ତୁମଡୀ କେ ଶବ୍ଦ' ପାଇଁ ୨୦୨୨ ମସିହାର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ସେ କେବଳ ଜଣେ କବି ନୁହଁନ୍ତି ବରଂ ଜଣେ ସମାଜ ବିଜ୍ଞାନୀ ଏବଂ ବର୍ତ୍ତମାନ ଆହ୍ଲାବାଦର ଝାନସୀସ୍ଥିତ ଗୋବିନ୍ଦ ବଲ୍ଲଭ ପନ୍ତ ସାମାଜିକ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି । ତାଙ୍କର ଅନ୍ୟ ଲୋକପ୍ରିୟ କବିତା ସଂକଳନ ମଧ୍ୟରେ ରହିଛି 'ଖୁଦାଇ ମେଁ ହିଂସା', 'ସଚ୍ ସୁନେ କଇ ଦିନ୍ ହୁଏ' ଇତ୍ୟାଦି । ସେ କେଦାର ସମ୍ମାନ ଏବଂ ଭାରତ ଭୂଷଣ ଅଗ୍ରୱାଲ ପୁରସ୍କାର ମଧ୍ୟ ପାଇଛନ୍ତି । ତାଙ୍କର କବିତା ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦିତ ହୋଇଛି । 'ଲୋକ ସଂସ୍କୃତି ଔର ଇତିହାସ', 'ଲୋକସଂସ୍କୃତି ମେଁ ରାଷ୍ଟ୍ରବାଦ', 'ଦଳିତ ବୀରାଙ୍ଗନାଏଁ ଔର ମୁକ୍ତି କୀ ଚାହ' ଇତ୍ୟାଦି ତାଙ୍କର ଉଲ୍ଲେଖନୀୟ ବୌଦ୍ଧିକ ପୁସ୍ତକ । ଆଲୋଚନା କରିବା ସହିତ ସ୍ୱରଚିତ କବିତା ଆବୃତ୍ତି ସହିତ ସାହିତ୍ୟ ଏକାଡେମୀର ସଚିବ କେ ଶ୍ରୀନିବାସରାଓଙ୍କ ସହ ସେ ଭାରତୀୟ ସମାଜ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଆଜି ସାହିତ୍ୟ ଏକାଡେମୀର ଷ୍ଟଲରେ ବିଭିନ୍ନ ଦେଶର ଅନେକ ପ୍ରକାଶକ ଓ ଏଜେଣ୍ଟ ଅନୁବାଦ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ହାସଲ କରିଛନ୍ତି । ଏହି ପୁସ୍ତକ ମେଳାରେ ସାହିତ୍ୟ ଏକାଡେମୀର ୧୦୦ଟି ପ୍ରକାଶନକୁ ଅନ୍ୟ ଭାଷାରେ ଅନୁବାଦ ଓ କପିରାଇଟ୍ ପାଇଁ ଉପଲବ୍ଧ କରାଯାଇଥିବା ଜଣାପଡିଛି ।